


# ଆଇସିଏଆଇ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୭।୮:ଦି ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟସ୍ ଅଫ ଇଣ୍ଡିଆ(ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ପୁଞ୍ଜି ବିନିଯୋଗ ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମସି ଶିବପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବାବେଳେ ସିଏମଏ ବିଭୂତି ଭୂଷଣ ନାୟକ ଏବଂ ସିଏମଏ ଉତ୍ତମ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସିଏମଏ ଥୋମାସ ମାଥ୍ୟୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ମ୍ୟୁଚୁଆଲ ଫଣ୍ଡ ଆଣ୍ଡ କ୍ୟାପିଟାଲ ମାର୍କେଟରେ ପୁଞ୍ଜିବିନିଯୋଗର ସୁବିଧା ସୁଯୋଗ କିଭଳି ରହିଛି ସେ ବିଷୟରେ କହିଥିଲେ । ସିଏମଏ ସୌମ୍ୟରଞ୍ଜନ ସିଂହ, ସହପରିଚାଳକ ପୁଞ୍ଜିବିନିଯୋଗର ଉପକାରିତା ଉପରେ ବିବରଣୀ ରଖିଥିଲେ । ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ ।